# NATIONAL NEWS BULLETIN (ODIA)
## 25 June - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଭେଣ୍ଟୁଆଲା ଭୂକମ୍ପ ମୃତ୍ୟୁ ସଂଖ୍ୟା ୧୬୪କୁ ବୃଦ୍ଧି ।

– ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ଭାରତ ପ୍ରସ୍ତୁତ, କହିଲେ ପ୍ରଧାନମନ୍ତ୍ରୀ ।

- ରାଜ୍ୟସଭାର ନିର୍ବାଚିତ ୧୦ଜଣ ସଦସ୍ୟଙ୍କ ଶପଥଗ୍ରହଣ ।
- ହରିଆଣାର ଗୁରୁଗ୍ରାମ୍‌ରେ ଆଜିଠାରୁ ଆରମ୍ଭ ହେଲା ଦୁଇଦିନିଆ ଏକାଦଶ ବ୍ରିକ୍ସ ଶକ୍ତି ମନ୍ତ୍ରୀ ସ୍ତରୀୟ ବୈଠକ ।
- ଭାରତରେ ରେକର୍ଡ଼ ପରିମାଣ ୪୮ ବିଲିୟନ୍ ଡଲାର୍ ନିବେଶ କରିବ ଆମାଜନ୍ ।

– ନିଷ୍ପତ୍ତିକୁ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇ.ସି.ସି. ମହିଳା ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଭାରତ ଓ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଜାରି ।

# ଭେଞ୍ଜୁଆଲା ଆର୍ଥକ୍ୱେକ୍

ଭେଞ୍ଜୁଆଲା ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୧୬୪କୁ ବୃଦ୍ଧି ପାଇଛି । ୯୭୧ ଜଣ ଆହତ ହୋଇଥିବା ଜଣାପଡ଼ିଛି । ଲଗାତର ଭାବେ ଅନୁଭୂତ ହୋଇଥିବା ଭୂକମ୍ପର ତୀବ୍ରତା ୭ ଦଶମିକ୍ ୨ ଏବଂ ୭ ଦଶମିକ୍ ୫ ହୋଇଥିଲା । ଗତ ଶତାବ୍ଦୀରୁ ଅଧିକ ସମୟ ମଧ୍ୟରେ ହୋଇଥିବା ଭୂକମ୍ପଗୁଡ଼ିକ ଭିତରେ ଏହା ସବୁଠାରୁ ଶକ୍ତିଶାଳୀ ବୋଲି ଆକଳନ କରାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗିଜ୍ ସେଠାରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସରକାରୀ ଏବଂ ଘରୋଇ କ୍ଷେତ୍ର ସହଯୋଗରେ ସ୍ୱାସ୍ଥ୍ୟସେବା ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯାଇଛି । ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଜାରି ରହିଥିବା ରାଷ୍ଟ୍ରପତି ସୂଚନା ଦେଇଛନ୍ତି । ଭୂକମ୍ପ ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ନିର୍ମାଣ ତଥା ଭିତ୍ତିଭୂମି କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଛି । ଫଳରେ ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜ୍ଞାପନ କରିବା ସହ ଆହତଙ୍କର ଆଶୁଆରୋଗ୍ୟ କାମନା

କରିଛନ୍ତି । ଭାରତ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ପାଇଁ ଶ୍ରୀ ମୋଦୀ ପ୍ରତିଶ୍ରୁତି ଦେଇଛନ୍ତି ।

ଏହି ଘଟଣାରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦ ଗଭୀର ଦୁଃଖ ପ୍ରକାଶ କରିବା ସହ ସମବେଦନା ଜ୍ଞାପନ କରିଛନ୍ତି । ଆବଶ୍ୟକ ସହାୟତା ପ୍ରଦାନ କରିବା ନେଇ ବିଭିନ୍ନ ରାଷ୍ଟ୍ର ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ।

## ଭେଞ୍ଜୁଆଲା ପ୍ରେଜ୍-ଇଣ୍ଡିଆ

ରାଷ୍ଟ୍ରପତି ରୋଡ୍ରିଗିଜ୍’ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ସହାୟତାପୂର୍ଣ୍ଣ ବାର୍ତ୍ତା ପାଇଁ ପ୍ରଶଂସା କରିଛନ୍ତି । ଏହି ଆହ୍ୱାନପୂର୍ଣ୍ଣ ସମୟ ଭିତରେ ଭାରତ ଏବଂ ଭେଞ୍ଜୁଆଲା ମଧ୍ୟରେ ଲୋକସମ୍ପର୍କ ସହଯୋଗର ଭାବନା ଉପରେ ପରିବେଷ୍ଟିତ ବୋଲି ରାଷ୍ଟ୍ରପତି ରୋଡ୍ରିଗିଜ୍ କହିଛନ୍ତି ।

## ଭିପି-ଆର୍ଏସ୍ ଓଥ୍

ରାଜ୍ୟସଭାର ୧୦ ଜଣ ନବନିର୍ବାଚିତ ସଦସ୍ୟ ଆଜି ଶପଥ ଗ୍ରହଣ କରିଛନ୍ତି । ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ସେମାନଙ୍କୁ ଶପଥପାଠ କରାଇଛନ୍ତି । ଶପଥଗ୍ରହଣ କରିଥିବା ସଦସ୍ୟଙ୍କ

ମଧ୍ୟରେ ଅରୁଣାଚଳ ପ୍ରଦେଶରୁ ବିଜେପିର ତାଇ ତାଗକ, ଓଡ଼ିଶାରୁ ଦେବାଶିଶ ସାମନ୍ତରାୟ ଏବଂ ଗୁଜରାଟରରୁ ରାଜେଶ ପରମାନନ୍ଦ ଶୁକ୍ଳ ଅଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ତେଲୁଗୁଦେଶମ୍ ପାର୍ଟିର ତିନି ଜଣ, ଜନସେନା ପାର୍ଟି, ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଏବଂ କଂଗ୍ରେସର ଜଣେ ଲେଖାଏଁ ସଦସ୍ୟ ଓ ଜଣେ ସ୍ୱାଧୀନ ସଦସ୍ୟ ଅଛନ୍ତି ।

# ବ୍ରିକ୍ସ

ଭାରତ ଅଧ୍ୟକ୍ଷତାରେ ହରିଆଣାର ଗୁରୁଗ୍ରାମ୍‌ଠାରେ ଏକାଦଶ ବ୍ରିକ୍ସ ଶକ୍ତିମନ୍ତ୍ରୀ ସ୍ତରୀୟ ବୈଠକ ଆଜିଠାରୁ ଆରମ୍ଭ ହୋଇଛି । ଶକ୍ତି ମନ୍ତ୍ରଣାଳୟ କହିଛି, ଏହି ବୈଠକରେ ବୈଶ୍ୱିକ ସ୍ତରରେ ପ୍ରମୁଖ ଶକ୍ତି କ୍ଷେତ୍ରଗୁଡ଼ିକରେ ସୃଷ୍ଟ ଆହ୍ୱାନର ମୁକାବିଲା ପାଇଁ ଆଲୋଚନା ହେବା ସହ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ନେଇ ମତବିନିମୟ ହେବ । ଏହି ଦୁଇ ଦିନିଆ ବୈଠକର ଉଦ୍‌ଘାଟନୀ ସମାବେଶକୁ ସମ୍ବୋଧନ କରି ଶକ୍ତି ମନ୍ତ୍ରୀ ମନୋହର ଲାଲ କହିଛନ୍ତି, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ଏବଂ ଦକ୍ଷତା ବିକାଶ କ୍ଷେତ୍ରରେ ଶକ୍ତି କ୍ଷେତ୍ର ଏକ ଆଧାର ଭାବେ ପରିଗଣିତ ହୋଇଥାଏ । ନାଗରିକଙ୍କ ଆକାଂକ୍ଷା ପୂରଣ କରିବା ସହିତ ନିରନ୍ତର ବିକାଶ ପାଇଁ ପର୍ଯ୍ୟାପ୍ତ ସମୟ, ସମ୍ବଳ ଏବଂ

ସଂସ୍କାର ମୂଳକ ନୀତି ଆବଶ୍ୟକତା ଉପରେ ମନ୍ତ୍ରୀ ଶ୍ରୀ ଲାଲ୍ ବିକାଶଶୀଳ ଦେଶଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

ଶକ୍ତି କ୍ଷେତ୍ରରେ ଭାରତର ନିବେଶ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଲାଲ କହିଛନ୍ତି, ବିଶ୍ୱର ସର୍ବବୃହତ ଡିଜିଟାଲ୍ ଆଧାରିତ ବିଦ୍ୟୁତ୍ ବ୍ୟବସ୍ଥା ମଧ୍ୟରେ ସ୍ଥାନୀତ ହେବା ପାଇଁ ଭାରତ ଭିତ୍ତିଭୂମି କ୍ଷେତ୍ରକୁ ବ୍ୟାପକ କରୁଛି । ଭାରତ ବିଶ୍ୱର ତୃତୀୟ ସର୍ବବୃହତ ବିଦ୍ୟୁତ୍ ଉତ୍ପାଦକ ଏବଂ ଚାହିଦାପୂରଣ ରାଷ୍ଟ୍ର ଭାବେ ଉଭା ହୋଇଛି । ଦେଶର ବିଦ୍ୟୁତ୍ କ୍ଷମତା ୫୪୦ ଗିଗାୱାଟ୍ ହୋଇଛି । ଅଣଜୀବାସ୍ମ ଇନ୍ଧନ ଉତ୍ସ କ୍ଷେତ୍ର ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ଲାଲ କହିଛନ୍ତି, ଦେଶରେ ଏବେ ସୌରଶକ୍ତି କ୍ଷମତା ୧୫୪ ଗିଗାୱାଟ୍‌ରୁ ଅଧିକ ହୋଇଛି । ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଶକ୍ତିମନ୍ତ୍ରୀ ଏବଂ ବରିଷ୍ଠ ପଦାଧିକାରୀ ଏହି ସମ୍ମିଳନୀରେ ଯୋଗଦେଇ ଶକ୍ତି ସୁରକ୍ଷା ପ୍ରସଙ୍ଗ ଆଧାରିତ ବିଭିନ୍ନ ପ୍ରସଙ୍ଗରେ ମତବିନିମୟ କରୁଛନ୍ତି ।

# ପିଏମ୍-ସେଶେଲସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେଶେଲସ୍‌ର ଜାତୀୟ ଦିବସର ସୁବର୍ଣ୍ଣ ଜୟନ୍ତୀ ପୂର୍ତ୍ତି ଉତ୍ସବରେ ଯୋଗଦେବା ପାଇଁ ଆସନ୍ତା ୨୭ ତାରିଖରୁ ତିନି ଦିନିଆ ସେଶେଲସ୍ ଗସ୍ତ କରିବେ । ପ୍ରଧାନମନ୍ତ୍ରୀ ୨୦୧୫ ମସିହାରେ ସେଶେଲସ୍ ଗସ୍ତ କରିଥିଲେ । ବୈଦେଶିକ ବ୍ୟାପାର

ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି, ସେଶେଲସ୍‌ର ସୁବର୍ଣ୍ଣ ଜୟନ୍ତୀ ପାଳନ ମହୋତ୍ସବରେ ଦୁଇଟି ଭାରତୀୟ ନୌଜାହାଜ ସମେତ ପ୍ରତିରକ୍ଷା ବାହିନୀର ଏକ କଣ୍ଟିଜେଣ୍ଟ ଯୋଗଦେବେ ।

ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସେଶେଲସ୍‌ର ରାଷ୍ଟ୍ରପତି ଡକ୍ଟର ପ୍ୟାଟ୍ରିକ୍ ହର୍‌ମିନିଙ୍କ ସହିତ ବୈଠକ କରିବେ । ଉଭୟ ନେତାଙ୍କ ମଧ୍ୟରେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ, ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗ ସମେତ ଦ୍ୱିପାକ୍ଷିକ ସହଯୋଗ ସମ୍ପର୍କର ବିଭିନ୍ନ ଦିଗରେ ଆଲୋଚନା ହେବ । ପ୍ରଧାନମନ୍ତ୍ରୀ ସେଶେଲସ୍‌ର ଜାତୀୟ ଆସେମ୍ବ୍ଲିରେ ଉଦ୍‌ବୋଧନ ଦେବା ସହିତ ସେଠାରେ ରହୁଥିବା ଭାରତୀୟଙ୍କ ସହ ଭାବ ବିନିମୟ କରିବେ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ସେଶେଲସ୍ ଓ ଭାରତ ମଧ୍ୟରେ ପୁରାତନ ସହଭାଗି ସମ୍ପର୍କ ରହିଆସିଛି । ଉଭୟ ଦେଶ ମଧ୍ୟରେ ଐତିହାସିକ, ସାଂସ୍କୃତିକ ଓ ଲୋକମାନଙ୍କ ମଧ୍ୟରେ ଦୃଢ଼ ସମ୍ବନ୍ଧ ରହିଆସିଛି । ଭାରତୀୟ ମହାସାଗର ଅଞ୍ଚଳରେ ସେଶେଲସ୍ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଡ଼ୋଶୀ ଦେଶ । ଭାରତୀୟ ମହାସାଗର ଯୋଜନାରେ ସେଶେଲସ୍ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଉଭୟ ଦେଶ ମଧ୍ୟରେ ଦୃଢ଼ ଏବଂ ସୁଦୂର

ପ୍ରସାରୀ ବନ୍ଧୁତ୍ୱ ସ୍ଥାପନ କରିବା ସହ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବ ।

## ଶିବରାଜ-ଯୋଗୀ ମିଟ୍

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଉତ୍ତରପ୍ରଦେଶର ଲକ୍ଷ୍ନୌ ସ୍ଥିତ ଉଦ୍ୟାନ କୃଷି ବିଭାଗରେ ଏକ ସ୍ୱଚ୍ଛ ଚାରା କେନ୍ଦ୍ର ନିର୍ମାଣ କରାଯିବ ବୋଲି ଘୋଷଣା କରିଛନ୍ତି । ଏହି କେନ୍ଦ୍ର ଚାଷୀମାନଙ୍କୁ ଉଚ୍ଚମାନର ନିରୋଗ ଚାରା ଯୋଗାଇଦେବ । ଏହାଦ୍ୱାରା ଉଦ୍ୟାନ କୃଷି କ୍ଷେତ୍ରର ବିକାଶ ହେବା ସହିତ ଚାଷୀମାନଙ୍କ ଆୟ ବୃଦ୍ଧି ପାଇବ । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ମନ୍ତ୍ରୀ ଶ୍ରୀ ଚୌହାନ ଲକ୍ଷ୍ନୌ ସ୍ଥିତ ଯୋଜନା ଭବନରେ ଆଜି ଗ୍ରାମ୍ୟ ବିକାଶ କାର୍ଯ୍ୟକ୍ରମ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ କୃଷି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଏବଂ ରାଜ୍ୟ କୃଷି ବିଭାଗର ରୋଡ୍ ମ୍ୟାପ୍ ସମ୍ପର୍କରେ ମିଳିତ ଭାବେ ସମୀକ୍ଷା ବୈଠକ କରିଥିଲେ ।

ଏହି ଅବସରରେ ଶ୍ରୀ ଚୌହାନ ବୁଟ, ମସୁରଡାଲି ଏବଂ ସୋରିସ ପାଇଁ ସରକାରୀ ସଂଗ୍ରହ ସମୟସୀମା ବୃଦ୍ଧି କରିବାକୁ ଅନୁମୋଦନ କରିଛନ୍ତି । ଏ ସମ୍ପର୍କିତ ଅନୁମୋଦନ ପତ୍ର ସେ ଉତ୍ତରପ୍ରଦେଶ

ମୁଖ୍ୟମନ୍ତ୍ରୀଙ୍କୁ ହସ୍ତାନ୍ତର କରିଛନ୍ତି । ଶ୍ରୀ ଚୌହାନ ଜୁଲାଇ ମାସରୁ ଆରମ୍ଭ ହେବାକୁ ଥିବା ବିକଶିତ ଭାରତ ନିଶ୍ଚିତ ରୋଜଗାର ଆଜିବିକା ମିଶନ୍, ଭିଭିଗ୍ରାମ୍ର ସମୟାନୁବର୍ତ୍ତୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ରାଜ୍ୟ ଅଧିକାରୀମାନଙ୍କୁ ମନରେଗାର ବକେୟା ପାଉଣା ସମ୍ବନ୍ଧିତ ସମସ୍ୟାର ସମାଧାନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଉତ୍ତରପ୍ରଦେଶ କୃଷି କ୍ଷେତ୍ର ଉପରେ ଏଲ୍‌ନିନୋର ସମ୍ଭାବ୍ୟ ପ୍ରଭାବ ବିଷୟରେ ମଧ୍ୟ ସମୀକ୍ଷା କରାଯାଇଛି ।

## ନୀତିନ ଗଡ଼କରୀ ମିଟିଂ

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ନିକଟରେ ନୂଆଦିଲ୍ଲୀରେ ଅନୁଷ୍ଠିତ ପୃଥକ ସମୀକ୍ଷା ବୈଠକରେ ତେଲଙ୍ଗାନା, ଜାମ୍ମୁ କାଶ୍ମୀର ଓ ଲଦାଖର ଜାତୀୟ ରାଜପଥ ପ୍ରକଳ୍ପର ଅଗ୍ରଗତି, ରକ୍ଷଣାବେକ୍ଷଣ ଓ ଗୁଣମାନର ସମୀକ୍ଷା କରିଛନ୍ତି । ସୂଚନାଯୋଗ୍ୟ ତେଲଙ୍ଗାନାର ୪ହଜାର ୯୩୧ କିଲୋମିଟର, ଜାମ୍ମୁ କାଶ୍ମୀରରେ ୨ହଜାର ୩୫ କିଲୋମିଟର ଏବଂ ଲଦାଖରେ ୮୦୪ କିଲୋମିଟର ରାଜପଥ ପ୍ରକଳ୍ପ ନିର୍ମାଣାଧୀନ ରହିଛି । ବୈଠକରେ  ପ୍ରକଳ୍ପଗୁଡ଼ିକର

ତଦାରଖ ବ୍ୟବସ୍ଥାକୁ ଆହୁରି ଦୃଢ଼ କରିବା ପାଇଁ ସେ ସମ୍ପୃକ୍ତ ସଂସ୍ଥା ଏବଂ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ୍-ଆମାଜନ ସିଇଓ

ଭାରତରେ ଆମାଜନ ୪୮ ବିଲିୟନ୍ ଡଲାର୍ ରେକର୍ଡ଼ ପରିମାଣ ନିବେଶ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମାଜର ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ନୂଆଦିଲ୍ଲୀରେ  ଆଜି ଶ୍ରୀ ମୋଦୀଙ୍କ ସହ ଆମାଜନର କାର୍ଯ୍ୟନିର୍ବାହୀ ଅଧିକାରୀ ଆଣ୍ଡିଜାସି ସାକ୍ଷାତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ନିବେଶ ଯୁବବର୍ଗଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । ବିଶ୍ୱସ୍ତରରେ ଭାରତରେ ନିବେଶ ପାଇଁ ବୃଦ୍ଧି ପାଉଥିବା ଆଗ୍ରହକୁ ଏହା ପ୍ରତିଫଳନ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ଟି-୨୦

ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ ଗ୍ରୁପ୍-ଏ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ମୁକାବିଲା ଜାରି ରହିଛି । ମାଞ୍ଚେଷ୍ଟରର ଏମିରେଟ୍ସ ଓଲ୍ଡ ଟ୍ରାଫଡ୍‌ରେ ଖେଳାଯାଉଥିବା ଏହି

ମ୍ୟାଚ୍‌ରେ ଟସ୍ ଜିତି ବାଂଲାଦେଶ ବ୍ୟାଟିଂ ଆରମ୍ଭ କରିଛି । ହର୍ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା କ୍ରିକେଟ୍ ଦଳ ଗ୍ରୁପ୍-ଏ ରେ ୩ଟି ମ୍ୟାଚ୍‌ରୁ ୨ଟିରେ ବିଜୟଲାଭ କରି ଦ୍ୱିତୀୟ ସ୍ଥାନରେ ରହିଛି ।

## କ୍ରିକେଟ-ଟେଷ୍ଟ

ଭାରତ-ଏ ଏବଂ ଶ୍ରୀଲଙ୍କା-ଏ ମଧ୍ୟରେ ପୁରୁଷବର୍ଗ କ୍ରିକେଟ୍ ଟେଷ୍ଟ ମ୍ୟାଚ୍ ଆଜିଠାରୁ ଆରମ୍ଭ ହୋଇଛି । ଶ୍ରୀଲଙ୍କାର ଗାଲେ ଆନ୍ତର୍ଜାତିକ ଷ୍ଟାଡିୟମଠାରେ ଖେଳାଯାଉଥିବା ଏହି ପ୍ରଥମ ଟେଷ୍ଟମ୍ୟାଚ୍‌ରେ ଭାରତ ଟସ୍ ଜିତି ବ୍ୟାଟିଂ କରିଥିଲା । ଆଜିର ଷ୍ଟମ୍ପ୍ ଅପସାରଣ ବେଳକୁ ଭାରତ ୪ ଓ୍ୱିକେଟ୍ ବିନିମୟରେ ୩୩୩ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଓପନ୍‌ର ସାଇ ସୁଦର୍ଶନ ୧୩୨ରନ୍ ପାଳି ଖେଳିଥିଲେ ।

ଏହି ଗସ୍ତ ଅବସରରେ ଭାରତ-ଏ ଦଳ ୨ଟି ୪ଦିନିଆ ଟେଷ୍ଟ ମ୍ୟାଚ୍ ଶ୍ରୀଲଙ୍କା ଏ ବିପକ୍ଷରେ ଖେଳିବ ।

## ଫିଫା

ଫିଫା ବିଶ୍ୱକପ୍‌ରେ ଆମେରିକାର ଫିଲାଡେଲ୍‌ଫିଆରେ ଆଜି ବିଳମ୍ବିତ ରାତିରେ ଗ୍ରୁପ୍-ଇ'ର ଏକ ମ୍ୟାଚ୍‌ରେ କୁରାକାଓ ଓ

ଆଇଭରିକୋଷ୍ଟ ମଧ୍ୟ ମୁକାବିଲା ହେବ । ଗ୍ରୁପ୍-ଇ'ର ଆଉ ଏକ ମ୍ୟାଚ୍‌ରେ ଆଜି ରାତି ଗୋଟାଏ ୩୦ ମିନିଟ୍‌ରେ ଆମେରିକାର ଇଷ୍ଟ ରଥରଫୋର୍ଡ଼ଠାରେ ଇକ୍ୟୁଡର୍ ଓ ଜର୍ମାନୀ ପରସ୍ପରକୁ ଭେଟିବେ । ପରେ ଆସନ୍ତାକାଲି ଭୋର୍ ୪ଟା ୩୦ ମିନିଟ୍‌ରେ ଗ୍ରୁପ୍-ଏଫ୍'ରେ ଜାପାନ୍ ଓ ସ୍ୱିଡେନ୍ ମଧ୍ୟରେ ମୁକାବିଲା ହେବ । ସେହି ସମୟରେ ଟ୍ୱିନିସିଆ ଓ ନେଦରଲ୍ୟାଣ୍ଡସ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଇତିମଧ୍ୟରେ ଆଜି ସକାଳେ ଦକ୍ଷିଣ କୋରିଆକୁ ୧-୦ ଗୋଲ୍‌ରେ ହରାଇ ଦକ୍ଷିଣ ଆଫ୍ରିକା ଦଳ ପ୍ରଥମଥର ପାଇଁ ନକ୍‌ଆଉଟ୍ ପର୍ଯ୍ୟାୟରେ ପହଞ୍ଚିଛି ।